मन की बात 100
MANN KI BAAT 100

# ମନ୍ କୀ ବାତ୍

ଅଧ୍ୟାୟ 11



# MANN KI BAAT
## VOL.11

**Illustrations and Cover Art**
Dilip Kadam

**Assistant Artist**
Ravindra Mokate

**Production**
Amar Chitra Katha

**Colourists**
Prakash Sivan, Prajeesh V. P. and M. P. Rageeven

**Layout Artist**
Akshay Khadilkar

**Published by**
Amar Chitra Katha Pvt. Ltd

**ODIA**

ISBN – 978-93-6127-172-4

Amar Chitra Katha Pvt. Ltd, February 2024

© Ministry of Culture, Govt of India, February 2024
All rights reserved. This book is sold subject to the condition that the publication may not be reproduced, stored in a retrieval system (including but not limited to computers, disks, external drives, electronic or digital devices, e-readers, websites), or transmitted in any form or by any means (including but not limited to cyclostyling, photocopying, docutech or other reprographic reproductions, mechanical, recording, electronic, digital versions) without the prior written permission of the publisher, nor be otherwise circulated in any form of binding or cover other than that in which it is published and without a similar condition being imposed on the subsequent purchaser.

You can now get ACK stories as part of your classroom with **ACK Learn**, a unique learning platform that brings these stories to your school with a range of workshops. Find out more at **www.acklearn.com** or write to us at **acklearn@ack-media.com**.



ପ୍ରିୟ ପିଲାମାନେ,

"ମାତା, ପିତା, ଗୁରୁ, ଦେବତା" ପୂଜନୀୟ ବୋଲି ଆମ ସଂସ୍କୃତିରେ ସର୍ବଦା ବିଶ୍ୱାସ ରହିଛି।

ଜଣେ ତାମିଲ ଶିକ୍ଷୟିତ୍ରୀ ଏନ୍.କେ. ହେମଲତା ଏହାକୁ ସାକାର କରିଛନ୍ତି। କୋଭିଡ-19 ମହାମାରୀ ସମୟରେ ଯେତେବେଳେ ବିଦ୍ୟାଳୟ ବନ୍ଦ ଥିଲା, ଶ୍ରୀମତୀ ହେମଲତା ପାଠପଢ଼ାର ଆନିମେଟେଡ୍ ଭିଡିଓ ପ୍ରସ୍ତୁତ କରି ସେଗୁଡ଼ିକୁ ନିଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବାଣ୍ଟିଥିଲେ।

ସେମିତି ଆଉ ଜଣେ ହେଉଛନ୍ତି ସାନ୍ତାଳି ଭାଷାର ପ୍ରାଧ୍ୟାପକ ଶ୍ରୀପତି ଟୁଡୁ। ଅନେକ ମାସ ଧରି ଗବେଷଣା କରିବା ପରେ ଶ୍ରୀପତି ମହାଶୟ ଆମ ସମ୍ବିଧାନକୁ ସାନ୍ତାଳି ଭାଷାରେ ଅନୁବାଦ କରିଛନ୍ତି। ଏବେ, ଅନେକ ସାନ୍ତାଳି ଲୋକ ସେମାନଙ୍କର ଅଧିକାର ବିଷୟରେ ପଢ଼ିପାରିବେ। ପ୍ରତ୍ୟେକ ଭାରତୀୟ ନିଜ ଅଧିକାର ବିଷୟରେ ଜାଣନ୍ତୁ ବୋଲି ମୋର ଇଚ୍ଛା।

ତେବେ, ଜଣେ ମହାନ ଗୁରୁ କେବଳ ଶ୍ରେଣୀଗୃହରେ ମିଳନ୍ତି ନାହିଁ।

ରୋଗନ୍ କଳାକାର ଅବ୍ଦୁଲ୍ ଗଫୁର୍ ଖତ୍ରୀ 200ରୁ ଅଧିକ ଝିଅଙ୍କୁ ପ୍ରାଚୀନ ପୋଷାକ ଚିତ୍ର କଳାର ପ୍ରଶିକ୍ଷଣ ଦେଇଛନ୍ତି, ଐତିହାସିକ ଭାବେ ଏକ ପୁରୁଷ ପ୍ରାଧାନ୍ୟ କ୍ଷେତ୍ରରେ ସେମାନଙ୍କ ପାଇଁ ସ୍ଥାନ ସୃଷ୍ଟି କରିଛନ୍ତି। ସେହିପରି ନାଗାଲାଣ୍ଡର ଲିଡି କ୍ରୋଉ ସୋସାଇଟି ଭବିଷ୍ୟତ ପିଢ଼ି ପାଇଁ କର୍ମଶାଳା ଆୟୋଜନ ଜରିଆରେ ନାଗା ପରମ୍ପରାକୁ ବିଲୁପ୍ତ ହେବାରୁ ବଞ୍ଚାଇବା ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛି।

ଗାନ୍ଧୀଜୀ ଯଥାର୍ଥରେ କହିଛନ୍ତି, "ଗୋଟିଏ ଆଲୋକ ଶିଖାରୁ ହଜାର ହଜାର ମହମବତୀ ଜଳାଇବା ସମ୍ଭବ।" ଆଗ୍ରହର ସହିତ ଶିଖନ୍ତୁ ଏବଂ ଉଦାରତାର ସହିତ ଶିକ୍ଷାଦାନ କରନ୍ତୁ। ଆପଣ ଯେତେବେଳେ କାହାରି ଜୀବନରେ ଆଲୋକ ଭରିଦେବେ, ତାହା ହୁଏତ' ପରିବର୍ତ୍ତନକୁ ଆଗେଇ ନେବାର ଆଲୋକବର୍ତ୍ତିକା ସାଜିବ।



# ବିଷୟବସ୍ତୁ


| | | |
|---|---|---|
| 1 | ଅବ୍ଦୁଲ ଗଫୁର ଖତ୍ରୀ | 3 |
| 2 | ବନ୍ଧୁ ଧୋତ୍ରେ | 6 |
| 3 | ଦୈତାରୀ ନାଏକ | 9 |
| 4 | ଲିଡି କ୍ରୋଉ ସୋସାଇଟି | 12 |
| 5 | ମାର୍ଟିନା ଦେବୀ | 15 |
| 6 | ଏନ.କେ. ହେମଲତା | 17 |
| 7 | ମା’ ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ | 19 |
| 8 | ସ୍ମାର୍ଟଗାଁ | 22 |
| 9 | ସୋନାଲି ହେଲ୍ଭି | 25 |
| 10 | ଶ୍ରୀପତି ଟୁଡୁ | 28 |
| 11 | ଯୁବା ବ୍ରିଗେଡ୍ | 31 |

# ଅବ୍ଦୁଲ ଗଫୁର ଖତ୍ରୀ



ଭାରତର ବିଭିନ୍ନ ପ୍ରକାର କଳା ରୂପ ବିଷୟରେ ପିଲାମାନେ ପଢୁଥିଲେ।
କେମିତି ଆମେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବିଷୟରେ କେବେ କିଛି ଶୁଣିନାହୁଁ?
ART FORMS OF INDIA
ଦିନେଶ, ମେସିନରେ ତିଆରି କଳାକୃତି ବଜାର ଉପରେ କବଜା କରି ନେଇଛି। ସେଗୁଡ଼ିକ ଶସ୍ତା ଓ ସହଜରେ ଉପଲବ୍ଧ।
ମୁଁ ତୁମକୁ ଅବ୍ଦୁଲ୍ ଗଫୁର୍ ଖତ୍ରୀଙ୍କ ବିଷୟରେ କହିବି। ସେ ଏମିତି ଜଣେ କଳାକାର ଯିଏକି ନିଜ କଳାକୁ ପ୍ରାସଙ୍ଗିକ ରଖିବା ଲାଗି ସଂଘର୍ଷ କରିଥିଲେ। ସେ ଏହାକୁ ଏବେ ସାରା ବିଶ୍ୱରେ ଲୋକପ୍ରିୟ କରିପାରିଛନ୍ତି।
ଏବେ ଗପ ଶୁଣିବାର ସମୟ! ୟେ!
'ରୋଗନ୍' ଏକ ପ୍ରାଚୀନ କଳା ରୂପ ଯାହା ପାରସ୍ୟରୁ ଭାରତକୁ ଆସିଥିଲା। ଜଡ଼ା ତେଲ ଏବଂ ରଙ୍ଗର ଏକ ମିଶ୍ରଣ ରୋଗନକୁ ହାତରେ କପଡ଼ା ଉପରେ ଜଟିଳ କାରୁକାର୍ଯ୍ୟ ତିଆରି କରିବା ଲାଗି ଉପଯୋଗ କରାଯାଏ।
ଗୁଜରାଟର କଚ୍ଛ ଅନ୍ତର୍ଗତ ନିରୋନା ଗ୍ରାମର ଖତ୍ରୀ ପରିବାର ଅନେକ ପିଢ଼ି ଧରି ଏହି କଳାକୁ ନିଜ ବେଉସା କରି ଆସିଛନ୍ତି।
1965 ମସିହାରେ ଖତ୍ରୀ ପରିବାରରେ ପୁଅଟିଏ ଜନ୍ମ ନେଇଥିଲା। ତା'ର ନାଁ ଥିଲା ଅବ୍ଦୁଲ୍। ତା'ର ପରିବାର ଲୋକମାନେ ରୋଗନ୍ କଳା ଅଭ୍ୟାସ କରୁଥିବା ଦେଖି ସେ ବଡ଼ ହେଲା।
ଆଉ ଏବେ ଆମେ ଗାଢ଼ ତେଲର ଏହି ପିଣ୍ଡୁଳାରେ ରଙ୍ଗ ମିଶାଇବା।
ବାଃ!
ଦୁର୍ଭାଗ୍ୟବଶତଃ 70ଦଶକର ଶେଷ ଭାଗ ବେଳକୁ ଏହି କଳାରୂପ ପ୍ରାୟତଃ ବିଲୁପ୍ତ ହୋଇଯାଇଥିଲା।
ହାତରେ ତିଆରି ରୋଗନ୍ କଳାକୃତିକୁ କିଣିବା ଲାଗି କେହି ଆଗ୍ରହ ପ୍ରକାଶ କରୁନଥିଲେ। ସେମାନେ କେବଳ ମେସିନରେ ଛପା ହୋଇଥିବା କପଡ଼ା କିଣୁଥିଲେ।
ଭାରତରେ ଆମେ ଶେଷ ରୋଗନ୍ କଳାକାର ପରିବାର। ଯଦି ଆମେ ଏହାକୁ ବନ୍ଦ କରିଦେବୁ ତା'ହେଲେ ଏହି କଳା ସବୁଦିନ ପାଇଁ ଲୋପ ପାଇଯିବ।


ଯଥାଶୀଘ୍ର, ଅବଦୁଲଙ୍କୁ ମଧ୍ୟ କାମ ପାଇଁ ସହର ଯିବାକୁ ପଡ଼ିଲା। ସେ କିଛି ଦିନ ଅହମ୍ମଦାବାଦ ଏବଂ ତା'ପରେ ମୁମ୍ବାଇରେ ରହିଲେ।
କଚ୍ଛରେ ମରୁଡ଼ି ସମସ୍ୟା ଉତ୍କଟ ହେଉଛି। ଦିନ ମଜୁରିଆଙ୍କୁ କାମ ମିଳୁନାହିଁ। ମୋ ପରିବାର ବଞ୍ଚିବ କେମିତି?
80 ଦଶକର ଶେଷ ଭାଗରେ, ଗୁଜରାଟ ସରକାରଙ୍କ ଠାରୁ ରୋଗନ କଳାକୃତି ପାଇଁ ଗୋଟିଏ ଅର୍ଡର ଆସିଲା। ଅବ୍ଦୁଲ ଘରକୁ ଫେରି ତାଙ୍କ ପରିବାର ଲୋକଙ୍କ ସହ ମିଶି ଏହି କାମ କରିବାକୁ ନିଷ୍ପତ୍ତି ନେଲେ।
ଅନେକ ଦିନ ବିତିଗଲାଣି। ଆମକୁ ପୁଣିଥରେ ରୋଗନର କୌଶଳ ଶିଖିବାକୁ ହେବ, ଅବ୍ଦୁଲ୍।
ହଁ, ଅବ୍ବା। ମୁଁ ଆମ କଳା ପ୍ରତି ମୋ ଜୀବନକୁ ସମର୍ପି ଦେବାକୁ ନିଷ୍ପତ୍ତି ନେଇଛି ଏବଂ ଏହାକୁ ବଞ୍ଚାଇ ରଖିବା ଲାଗି ସବୁକିଛି କରିବି।
ଆଜିର ଦୁନିଆରେ ରୋଗନକୁ ପ୍ରାସଙ୍ଗିକ ରଖିବା ପାଇଁ ମୋତେ ଗୋଟିଏ ଉପାୟ ଖୋଜିବାକୁ ପଡ଼ିବ।
ପୂର୍ବରୁ, ସ୍ଥାନୀୟ ଲୋକମାନେ ପୋଷାକ ତିଆରି ଏବଂ ଅନ୍ୟାନ୍ୟ ବ୍ୟବହାର ପାଇଁ ଆମ କପଡ଼ା କିଣୁଥିଲେ, କିନ୍ତୁ ଏବେ ମେସିନ୍ ତିଆରି ପୋଷାକ ଏହାର ସ୍ଥାନ ନେଇଛି। ଆମେ ଏକ ନୂଆ ବଜାର ଖୋଜିବା ଆବଶ୍ୟକ ଯେଉଁଠି ଆମର କଳା ବିକ୍ରି ହୋଇପାରିବ।
ତୁମେ ଠିକ୍ କହୁଛ, ଅବ୍ଦୁଲ।
ଯଥାଶୀଘ୍ର, ଅବ୍ଦୁଲ୍ ପାରମ୍ପରିକ ରୋଗନ୍ ଡିଜାଇନକୁ ପୁଣିଥରେ ଥରେ ତିଆରି କଲେ ଯାହା କାନ୍ଥରେ ଝୁଲିବା କଳାକୃତି ସହିତ ବ୍ୟାଗ୍, ବେଡଶିଟ୍, ଜ୍ୟାକେଟ୍, କୁର୍ତ୍ତା ଓ ଅନ୍ୟାନ୍ୟ ସାମଗ୍ରୀରେ ଉପଯୋଗ ହୋଇପାରିଲା।


ନୂଆ ଉତ୍ପାଦ ବିକ୍ରି ହେଉଛି! ପର୍ଯ୍ୟଟକମାନେ ବ୍ୟାପକ ଆକାରରେ ବ୍ୟବସାୟକୁ ପୁନର୍ଜୀବିତ କରିଛନ୍ତି।
ଯଥାଶୀଘ୍ର, ଖତ୍ରୀ ପରିବାର କଳା ପ୍ରତି ଅଧିକ ରୁଚି ସୃଷ୍ଟି କରିବା ଲାଗି ପର୍ଯ୍ୟଟକମାନଙ୍କ ସହିତ ପ୍ରଦର୍ଶନୀ କର୍ମଶାଳା ଏବଂ 'ପ୍ରଶ୍ନୋତ୍ତର' ଅଧିବେଶନ ଆୟୋଜନ ଆରମ୍ଭ କରିଦେଲେ।
ବର୍ତ୍ତମାନ, ରୋଗନ୍ କଳା ବିଷୟରେ ଜାଣିବା ଲାଗି ଉତ୍ସୁକ ଦୈନିକ 150ରୁ ଅଧିକ ଆଗନ୍ତୁକ ଖତ୍ରୀ ପରିବାର ନିକଟକୁ ଆସୁଛନ୍ତି।
ଅବ୍ଦୁଲ୍ ଆମ ହସ୍ତଶିଳ୍ପକୁ କଳା ସ୍ତରକୁ ନେଇ ଯାଇଛନ୍ତି। ଲୋକମାନେ ପୁଣିଥରେ ଆମ ପ୍ରତି ଧ୍ୟାନ ଦେଉଛନ୍ତି।
ନିଜ କଳାକୃତିର ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ଲାଗି ଅବ୍ଦୁଲ୍ ତାଙ୍କ ଗାଁର 200ରୁ ଅଧିକ ଝିଅଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ କଲେ। ପାରମ୍ପରିକ ରୂପରେ ପୁରୁଷ ପ୍ରଧାନ କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା।
ଆମେ ଯେତେବେଳେ ତୁମମାନଙ୍କ ବୟସର ହୋଇଥିଲୁ ସେତେବେଳେ ମୋର ଓ ମୋ ଭାଇଙ୍କ ଧୈର୍ଯ୍ୟ ତୁଳନାରେ ତୁମେ ସବୁ ଝିଅମାନଙ୍କର ବହୁତ ଧୈର୍ଯ୍ୟ ଅଛି। ହା ହା!
2014ରେ, ଏହି କଳା ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଥିଲା ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କୁ ଜୀବନ ବୃକ୍ଷର ଚିତ୍ର ହୋଇଥିବା ଅବ୍ଦୁଲଙ୍କ ରୋଗନ୍ ଚିତ୍ରକଳା ଉପହାର ସ୍ୱରୂପ ଦେଇଥିଲେ।
ଏକାକୀ ରୋଗନ୍ କଳାର ପୁନରୁଦ୍ଧାର କରିବା ଲାଗି ଅବ୍ଦୁଲଙ୍କୁ 2019ରେ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା।
ଖତ୍ରୀ ପରିବାରର ଅନେକ ସଦସ୍ୟଙ୍କୁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅବ୍ଦୁଲଙ୍କୁ ତାଙ୍କ ସମର୍ପଣ ଏବଂ ସୃଜନଶୀଳତା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ମନ୍ କୀ ବାତ୍ରେ ସ୍ୱତନ୍ତ୍ର ଭାବେ ପ୍ରଶଂସା କରିଥିଲେ।

# ବନ୍ଧୁ ଧୋତ୍ରେ


ଛାତ୍ରଛାତ୍ରୀଙ୍କ ମଧ୍ୟରେ କିଛି ଆଲୋଚନା ଚାଲିଛି।
ମୁଁ ପଢ଼ିଛି ଯେ ପୂର୍ବରୁ ତାଜମହଲ ସମ୍ପୂର୍ଣ୍ଣ ଧଳା ଥିଲା। ଅନେକ ବର୍ଷର ବର୍ଦ୍ଧିତ ପ୍ରଦୂଷଣ କାରଣରୁ ଏବେ ଏହାର ରଙ୍ଗ ଫିକା ହଳଦିଆ ପଡ଼ିଯାଇଛି।
କିନ୍ତୁ ଆମେ ଏସବୁ କ୍ଷତିର ମରାମତି କରିପାରିବୁ ନାହିଁ କିମ୍ବା କିର୍ତ୍ତୀରାଜିକୁ ପୁନଃନିର୍ମାଣ କରିପାରିବୁ ନାହିଁ। କିଛି କରାଯାଇପାରିବ ନାହିଁ।
ଏହା ସତ ନୁହେଁ ପୂଜା। ଆମେ କିର୍ତ୍ତୀରାଜି ପୁନଃନିର୍ମାଣ କରିପାରିବୁ ନାହିଁ, କିନ୍ତୁ ଆମେ ସେଗୁଡ଼ିକର ପୁନରୁଦ୍ଧାର ଓ ସଂରକ୍ଷଣ କରିପାରିବୁ। ମହାରାଷ୍ଟ୍ରରେ ଏକ ଏନଜିଓ ଶହ ଶହ ବର୍ଷ ପୁରୁଣା ଦୁର୍ଗର ସଫେଇ ଏବଂ ପୁନରୁଦ୍ଧାର କରିଛି।
ମହାରାଷ୍ଟ୍ର ଚନ୍ଦ୍ରପୁରର ଜଣେ ବାସିନ୍ଦା ବନ୍ଧୁ ଧୋତ୍ରେଙ୍କର ନିଜ ମାତୃଭୂମି ଓ ପ୍ରକୃତି ପ୍ରତି ଅପାର ଭଲ ପାଇବା ରହିଥିଲା।
ଏତେ ପରିମାଣରେ ଶିଳ୍ପ ବିକାଶ କାରଣରୁ ଆମେ ପ୍ରକୃତିର ବ୍ୟାପକ କ୍ଷତି କରୁଛୁ।
TIGER ATTACKS MAN
ଜିଲ୍ଲାର ପ୍ରାୟ ଏକତୃତୀୟାଂଶ ଅଞ୍ଚଳରେ ଜଙ୍ଗଲ ଘେରି ରହିଛି, ସେଥିପାଇଁ ମଣିଷ ଓ ବନ୍ୟପ୍ରାଣୀ ସଂଘର୍ଷ ଦେଖା ଦେବା ସ୍ୱାଭାବିକ ଘଟଣା ଥିଲା।
ବିପର୍ଯ୍ୟୟ ପ୍ରଶମନରେ ପ୍ରଶିକ୍ଷିତ, ସେ ଏହି କ୍ଷେତ୍ରରେ ଆଗକୁ ଆସୁଥିବା ବିଭିନ୍ନ ସାମାଜିକ ଓ ପ୍ରାକୃତିକ ସମସ୍ୟାକୁ ନେଇ ଗଭୀର ଭାବେ ଚିନ୍ତିତ ଥିଲେ।
ମୁଁ ନିଜ ବିଶେଷଜ୍ଞତାର ସଦୁପଯୋଗ କରିବା ଉଚିତ୍ ଏବଂ ଏପରି ଜରୁରିକାଳୀନ ସ୍ଥିତି ପାଇଁ କିଛି ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦେବା ଆବଶ୍ୟକ।




*ମରାଠିରେ ଭଉଣୀ

^ମରାଠିରେ ଭାଇ


ଇକୋ-ପ୍ରୋ ଦ୍ୱାରା ହାତକୁ ନିଆଯାଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା ଚନ୍ଦା ଦୁର୍ଗର ସଫେଇ ଓ ପୁନରୁଦ୍ଧାର।
ଏହା ଏକ ବିଶାଳ କାମ, କିନ୍ତୁ ଏହି ଦୁର୍ଗ ଚନ୍ଦ୍ରପୁରର ଗର୍ବ।
ଏହା ପୁଣିଥରେ ସଫା ନହେବା ପର୍ଯ୍ୟନ୍ତ ଆମେ ଅଟକିବା ନାହିଁ।
ତେଣୁ, ଇକୋ-ପ୍ରୋ'ର ଏକ ଦଶଜଣିଆ ଦଳ ଦୁର୍ଗର ସଫେଇ ଆରମ୍ଭ କରିଦେଲେ।
ପ୍ରତ୍ୟେକ ସପ୍ତାହାନ୍ତ ଏବଂ ଛୁଟି ଦିନରେ, ଅନ୍ୟ ସ୍ୱେଚ୍ଛାସେବୀମାନେ ଦଳ ସହିତ ଯୋଗ ଦେଉଥିଲେ।
ଆଜି ମୋ ଦୋକାନ ବନ୍ଦ ଅଛି, ଏବଂ ମୋ ପୁଅର ମଧ୍ୟ ସ୍କୁଲ୍ ନାହିଁ। ଆପଣ ଆମ ସହ ମିଶିବେ କି?
ନିଶ୍ଚିତ!
ସମାଜର ବିଭିନ୍ନ ବର୍ଗର ଲୋକମାନେ ଦୁର୍ଗର ପୁନରୁଦ୍ଧାର ପାଇଁ ଇକୋ-ପ୍ରୋ'ର ପ୍ରୟାସରେ ସାମିଲ ହେଲେ।
ଲଗାତାର 200 ଦିନ ପର୍ଯ୍ୟନ୍ତ କାମ କରିବା ପରେ, ଦୁର୍ଗର ଅଧିକାଂଶ ଭାଗ ସଫା ହୋଇଗଲା।
ଆମେ ବହୁତ ବାଟ ଆସିପାରିଛୁ, ସାଥୀମାନେ। ଆମ ଦଳକୁ ନେଇ ଏବଂ ଆମକୁ ସହାୟତା କରିଥିବା ସବୁ ନାଗରିକଙ୍କୁ ନେଇ ମୁଁ ଅତ୍ୟନ୍ତ ଗର୍ବିତ।
ୟେ!
ଇକୋ-ପ୍ରୋ'ର ସଫଳତାକୁ ପ୍ରଧାନମନ୍ତ୍ରୀ ମଧ୍ୟ ପ୍ରଶଂସା କରିଥିଲେ।
ଦୁର୍ଗଗୁଡ଼ିକ ଆମ ଐତିହ୍ୟର ପ୍ରତୀକ। ଆମ ଐତିହାସିକ ସ୍ମାରକୀକୁ ସୁରକ୍ଷିତ ଓ ସ୍ୱଚ୍ଛ ରଖିବା ସବୁ ଦେଶବାସୀଙ୍କ କର୍ତ୍ତବ୍ୟ। ମୁଁ ଇକୋଲୋଜିକାଲ ପ୍ରୋଟେକ୍ସନ୍ ସଂଗଠନ, ଏହାର ସମସ୍ତ ସହଯୋଗୀ ଏବଂ ଚନ୍ଦ୍ରପୁରର ଲୋକମାନଙ୍କୁ ଅଭିନନ୍ଦନ ଜଣାଉଛି।

# ଦୈତାରୀ ନାଏକ


ହୁଁ! ଆର୍ଘ୍!
ଏହା ଏତେ କଷ୍ଟ!
ମୁଁ ତୁମମାନଙ୍କୁ ଦୈତାରୀ ନାଏକଙ୍କ ବିଷୟରେ କହିବାକୁ ଚାହୁଁଛି, ଯିଏକି ଚାରି ବର୍ଷ ଧରି ପ୍ରତ୍ୟେକ ଦିନ ଏହି କାମ କରିଥିଲେ। ସେ ତୁମ ଭଳି ନରମ ମାଟି ନୁହେଁ ପଥର ଚଟାଣ ଖୋଳିଥିଲେ। ସେ ଯାହା ହାସଲ କରିଥିଲେ ତାହା ଅବିଶ୍ୱସନୀୟ ଥିଲା।
ଦୈତାରୀ ନାଏକ ଓଡ଼ିଶାର କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ତଳବୈତରଣୀ ନାମକ ପଥୁରିଆ ଓ ଶୁଷ୍କ ଗ୍ରାମରେ ରହୁଥିଲେ।
ବଞ୍ଚିବା ଦିନକୁ ଦିନ କଠିନ ହୋଇଯାଉଛି। ଏଠାରେ କିଛି ଅମଳ ହେଉନାହିଁ ଏବଂ ଲୋକମାନେ ଗାଁ ଛାଡ଼ି ଚାଲି ଯାଉଛନ୍ତି।
ସେମାନେ କ'ଣ କରିପାରିବେ? ଏଠାରେ ଆଦୌ ପାଣି ନାହିଁ। ବର୍ଷା ହେଲେ ଫସଲ ଅମଳ ହୁଏ। ତଥାପି ବିକ୍ରି କରିବା ଲାଗି ଯଥେଷ୍ଟ ଫସଲ ନଥାଏ।
ମୁଁ ସେହି ପାହାଡ଼ ପଛ ପଟେ ପାଣିର ଦ୍ରୁତ ପ୍ରବାହକୁ ଶୁଣିପାରୁଛି କିନ୍ତୁ ଏଠି ଗୋଟିଏ ବୁନ୍ଦା ପାଣି ଆସୁନାହିଁ।
ଦୈତାରୀଙ୍କ ଗାଁ ପଛପଟେ ଥିବା ଗୋନାସିକା ପର୍ବତ ଦେଇ ଗୁପ୍ତ ବୈତରଣୀ ନଦୀ ପ୍ରବାହିତ ହେଉଥିଲା।
ସେହି ପାଣିକୁ ଏଠାକୁ ଆଣିବା ଲାଗି ଯଦି କିଛି ବ୍ୟବସ୍ଥା କରାଯାଇପାରିବ, ଆମ ଜୀବନ ଅତି ସହଜ ହୋଇଯିବ।
ହା ହା! ତୁମେ ଜଣେ ଚାଷୀ ନୁହେଁ, ବରଂ ଇଞ୍ଜିନିୟର ହେବା ଉଚିତ୍।



ଏହା ସ୍ୱପ୍ନ ସାକାର ହେବା ଭଳି କଥା ହେବ।
କିନ୍ତୁ ସ୍ୱପ୍ନ ଦେଖିବାରେ କିଛି ଲାଭ ନାହିଁ, ଦୈତାରୀ।
ହୁଁ।
1996 ମସିହାରେ ଦିନେ ସକାଳେ, ଦୈତାରୀ ଗୋଟିଏ ଶାବଳ ଓ କୋଦାଳ ଧରି ବାହାରି ପଡ଼ିଲେ....
ତୁମେ କୁଆଡ଼େ ଯାଉଛ?
.... ଆଉ ପର୍ବତ ଆଡ଼କୁ ମାଡ଼ି ଚାଲିଲେ।
ଯେତେବେଳେ ସେ ପାହାଡ଼ର ଏକ ଜଳଧାରା ନିକଟରେ ପହଞ୍ଚିଲେ-
ଠଙ୍କ୍ ଠଙ୍କ!
ପରଦିନ ସକାଳେ-
ତୁମେ ଏଠାରେ କ'ଣ କରୁଛ? ଗତକାଲି ସାରା ଦିନ ତୁମେ ଏଠାରେ ଥିଲ। ମୁଁ କୌଣସି ଫରକ ଦେଖିପାରିଲି ନାହିଁ।
ମୁଁ ଏହି ପାଣିକୁ ଆମ ଗାଁରେ ପହଞ୍ଚାଇବା ଲାଗି ଗୋଟିଏ ନାଳ ତିଆରି କରିବାକୁ ଚାହୁଁଛି। ଯେପର୍ଯ୍ୟନ୍ତ ଏହା ହୋଇନାହିଁ, ମୁଁ ଖୋଳିବା ଜାରି ରଖିବି।
ଏହା ପରେ ଦୈତାରୀ ସବୁଦିନ ପାହାଡ଼ ଖୋଳିବା ଜାରି ରଖିଲେ।
ଠଙ୍କ୍ ଠଙ୍କ୍
ଗ୍ରାମବାସୀଙ୍କ ପାଇଁ ଏହା ଏକ ଆମୋଦଦାୟକ ଦୃଶ୍ୟ ଥିଲା।


କିନ୍ତୁ କିଛି ଦିନ ପରେ-
ତାଙ୍କୁ ଦେଖି ନିଜର ସମୟ ନଷ୍ଟ କରିବା ପରିବର୍ତ୍ତେ, ମୁଁ ତାଙ୍କୁ ସହାୟତା କରିପାରିବି।
ଯଥାଶୀଘ୍ର, ଅନ୍ୟ ଗ୍ରାମବାସୀ ନିଜ କ୍ଷମତା ଅନୁଯାୟୀ ତାଙ୍କ କାମରେ ସହଯୋଗ କଲେ।
ଧୀରେ ଧୀରେ, ପଥର କଡ଼ ଦେଇ ରାସ୍ତା ଖୋଲିଲା। ଚାରି ବର୍ଷ ଧରି, ଦୈତାରୀ ଏକ କଠୋର, ତିନି କିଲୋମିଟର ଲମ୍ବା ନାଳ ଖୋଳିଲେ ଯାହା ପାହାଡ଼ ଉପରେ ଥିବା ନଦୀରୁ ତଳକୁ ଲମ୍ବିଥିଲା, ଯେପର୍ଯ୍ୟନ୍ତ-
ପାଣି! ଆମକୁ ପାଣି ମିଳିଗଲା!
ଦୈତାରୀ ଖୋଳିଥିବା କେନାଲ କାରଣରୁ ତଳବୈତରଣୀର ପ୍ରାୟ 100 ଏକର ଜମିକୁ ଜଳସେଚନ ହେଲା। ଗୋଟିଏ ବର୍ଷ ଭିତରେ, ଗାଁ ଲୋକଙ୍କ ଜୀବନ ବଦଳିଗଲା।
ଏବେ ଆମେ ବର୍ଷ ସାରା ଫସଲ ଅମଳ କରିପାରିବା।
ଆମ ପାଖରେ ବିକ୍ରି ପାଇଁ ଅତିରିକ୍ତ ଫସଲ ରହିଛି। ଆମ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ଟଙ୍କା ଅଛି।
ଏବେ 'ଓଡ଼ିଶାର କେନାଲ୍ ମଣିଷ' ନାମରେ ପରିଚିତ ଦୈତାରୀ 2019ରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ମନ୍ କୀ ବାତ୍ ରେ ମଧ୍ୟ ତାଙ୍କର ପ୍ରଶଂସା କରାଯାଇଥିଲା।
କିନ୍ତୁ ଦୈତାରୀଙ୍କର ଗୋଟିଏ ଅନୁରୋଧ ରହିଛି।
କେନାଲ୍ ଖୋଳା ସରିଛି, କିନ୍ତୁ ଏହାର ରକ୍ଷଣାବେକ୍ଷଣ ଆବଶ୍ୟକତା ରହିଛି। ଯଦି ସରକାର ଏହାକୁ ସିମେଣ୍ଟରେ ଦୃଢ଼ କରିପାରିବେ ତା'ହେଲେ ବଡ଼ ସହାୟତା ମିଳିପାରିବ।

# ଲିଡି କ୍ରୋଉ ସୋସାଇଟୀ


ଏହା ଏତେ ସୁଆଦିଆ! ଏଇଟା କ'ଣ?
ଏଇଟାକୁ କ'ଣ କୁହାଯାଏ ମୁଁ ଜାଣେ ନାହିଁ। କେବଳ ମୋ ଜେଜେ ମା' ଏହାକୁ ତିଆରି କରି ଜାଣିଛନ୍ତି।
ତୁମେ ଚେଷ୍ଟା କରି ଏହି ବ୍ୟଞ୍ଜନ ଶିଖିବା ଉଚିତ୍।
ଆମ ସଂସ୍କୃତିକୁ ବଞ୍ଚାଇ ରଖିବାର ସବୁଠୁ ଶ୍ରେଷ୍ଠ ଉପାୟ ହେଉଛି ଏହାକୁ ଶିଖିବା ଓ ଅଭ୍ୟାସ କରିବା। କୋହିମାର କିଛି ଲୋକଙ୍କ ଏକ ଦଳ ଯୁବପିଢ଼ିଙ୍କ ମଧ୍ୟରେ ନାଗା ସଂସ୍କୃତିର ପ୍ରଚାର ପ୍ରସାର କରୁଛନ୍ତି।
2012ରେ, କୋହିମା-
ଆମ ପିଲାମାନେ ସେମାନଙ୍କ ସଂସ୍କୃତିକୁ ଭୁଲି ଯାଇଛନ୍ତି।
ହଁ, ପାରମ୍ପରିକ ପୋଷାକ, ସଙ୍ଗୀତ ଓ ଖାଦ୍ୟ ମୋ ପିଲାମାନଙ୍କୁ ଆଗ୍ରହୀ କରୁନାହିଁ।
ଯଦି କେହି ଏହାକୁ ଶିଖିବେ ନାହିଁ, ଆମ ସଂସ୍କୃତି ଧୀରେ ଧୀରେ ଲୋପ ପାଇଯିବ।
ଏହାକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ଲାଗି ଆମକୁ କିଛି କରିବାକୁ ହେବ।


ନିଜ ସଂସ୍କୃତିକୁ ବିଲୁପ୍ତ ହେବା ଠାରୁ ବଞ୍ଚାଇବା ପାଇଁ ମହିଳାମାନଙ୍କର ଏକ ଦଳ ଲିଡି କ୍ରୋଉ ସୋସାଇଟୀ ଆରମ୍ଭ କଲେ।
LIDI KROU SOCIETY KOHIMA
ସୋସାଇଟିର ଅଧିକାଂଶ ସଦସ୍ୟ ମା' ଥିଲେ, ଯେଉଁମାନେ ଏକ ଗାୟିକା ମଣ୍ଡଳୀର ଅଂଶବିଶେଷ ଥିଲେ।
ନାଗାଙ୍କ ପାରିବାରିକ ପ୍ରଥା ଭଳି ସେମାନଙ୍କ ପାରମ୍ପରିକ ଜୀବନଶୈଳୀ ବିଷୟରେ ଅଧିକ ଜାଣିବାକୁ ଆଗ୍ରହୀ ଥିବା ଲୋକମାନଙ୍କ ପାଇଁ ସେମାନେ କର୍ମଶାଳା ଓ ପ୍ରଶିକ୍ଷଣ ଆୟୋଜନ କଲେ।
ଆସ ଚାଉଳ କେମିତି କୁଟନ୍ତି ମୁଁ ତୁମମାନଙ୍କୁ ଦେଖାଇଦେବି।
.... ସେମାନଙ୍କ ବ୍ୟଞ୍ଜନ ରାନ୍ଧିବା...
ଏବେ ବାଉଁଶ ଭିତରେ ରାନ୍ଧି ହେବା ପାଇଁ ମାଛ ପ୍ରସ୍ତୁତ ହୋଇସାରିଛି।
ମୁଁ ଥରେ ଏହାକୁ ଖାଇଥିଲି, ଏହା ଅତି ସୁଆଦିଆ ଥିଲା!
... ସେମାନଙ୍କ ସଂଗୀତ...
ଚାଲ ଏ ଗୀତ ସବୁ ରେକର୍ଡ କରି ଏଥିରେ ଏକ ଆଲବମ୍ ତିଆରି କରିବା।
ଭଲ ଉପାୟ!
.... ସେମାନଙ୍କ ନୃତ୍ୟ....
ସେମାନେ ଏହି ପିଲାମାନଙ୍କୁ ମଧ୍ୟ ତାଲିମ୍ ଦେଇଛନ୍ତି।
ସତ କଥା। ମୁଁ ପିଲାଦିନରୁ ଆମ ଲୋକ ନୃତ୍ୟର ଏଭଳି ସୁନ୍ଦର ପରିବେଷଣ କେବେ ଦେଖିନାହିଁ।













*ଏକ ପାରମ୍ପରିକ ନାଗା ପୋଷାକ, ସାଧାରଣତଃ ଏକ ସ୍କର୍ଟ ଭଳି ପିନ୍ଧାଯାଏ।

# ମାର୍ଟିନା ଦେବୀ


ଶ୍ରେୟସର ମନ ଭଲ ନଥିଲା।
ମୁଁ ହିଁ ଏକାକୀ ସବୁ ଚେୟାରକୁ ପଡ଼ିଆରୁ ହଲ୍ ଭିତରକୁ ନେଲି, କିନ୍ତୁ କ୍ରୀଡ଼ା ଶିକ୍ଷକ ଦଶମ ଶ୍ରେଣୀର ସେହି ମହେଶକୁ ଧନ୍ୟବାଦ ଜଣାଇଥିଲେ।
ତୁମେ ଜଣେ ଭାରୋତ୍ତୋଳକ ହୋଇପାରିବ, ଶ୍ରେୟସ୍, ଏକଥା ହୁଏତ' ତୁମେ ଜାଣ ନାହିଁ।


ଚେୟାର ଉଠାଇ?!
ହା ହା ହା! ମୋ କାହାଣୀ ଶୁଣ ଏବଂ ତୁମେ ମୋ କହିବାର ଅର୍ଥ ବୁଝିପାରିବ।


2016ରେ, ମଣିପୁରର ଏକ ଉପାନ୍ତ ଗ୍ରାମରେ -
ଆଉ ବିଜେତା ହେଉଛନ୍ତି ମଣିପୁରର କୁଞ୍ଜୁରାଣୀ ଦେବୀ!
ଦେଖ, ବାପା! କୁଞ୍ଜୁରାଣୀଙ୍କ ଘର ମଣିପୁରରେ। ମୁଁ ତାଙ୍କ ଭଳି ଜଣେ ଭାରୋତ୍ତୋଳନକାରୀ ହେବାକୁ ଚାହୁଁଛି।
ଦଶ ବର୍ଷ ବୟସ୍କା ମାର୍ଟିନା ଭାରତୀୟ ଚାମ୍ପିୟନ ଭାରୋତ୍ତୋଳନକାରୀ କୁଞ୍ଜୁରାଣୀ ଦେବୀଙ୍କ ଉପରେ ଏକ କାର୍ଯ୍ୟକ୍ରମ ଦେଖୁଥିଲେ।


ନିଶ୍ଚିତ ଭାବେ ତୁମେ ପାରିବ! ତୁମକୁ ଏଥିପାଇଁ କଠିନ ପରିଶ୍ରମ କରିବାକୁ ହେବ।
ତୁମେ ମୋ ପାଇଁ ସବୁଦିନ ପାଣି ଭର୍ତ୍ତି ବାଲ୍ଟି ଉଠାଇ ଆଣ ନାହିଁ କି? ତୁମେ ମୋ ଶକ୍ତିଶାଳୀ ଝିଅ।


ମାର୍ଟିନାଙ୍କ ଉପରେ ବାପା-ମା'ଙ୍କ ଆତ୍ମବିଶ୍ୱାସ ତାଙ୍କ ପାଇଁ ଯଥେଷ୍ଟ ଥିଲା। ସେହି ବର୍ଷ ଡିସେମ୍ବର ମାସରେ ସେ ପ୍ରଶିକ୍ଷଣ ଆରମ୍ଭ କଲେ।
ଏହି ଝିଅ ପାଖରେ ଅପାର ସମ୍ଭାବନା ରହିଛି।
ହଁ, ସେ ମଧ୍ୟ କ୍ରୀଡ଼ା ପ୍ରତି ସମର୍ପିତ।
ସେହି ସମର୍ପଣ ସହିତ ଲକ୍ଷ୍ନୌସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଠାରେ ସହାୟତା ଓ ପ୍ରଶିକ୍ଷଣ ଅନେକ ବିଜୟ ଆଣି ଦେଲା।
କେବଳ 2022ରେ ଆପଣ ଭାରୋତ୍ତୋଳନରେ 39ଟି ରେକର୍ଡ ସୃଷ୍ଟି କରିଛନ୍ତି। ଆପଣଙ୍କ ପାଇଁ ଆଉ କିଛି ଉପଲବ୍ଧି ବାକି ଅଛି କି?
ନିଶ୍ଚିତ! ବିଶ୍ୱସ୍ତରରେ ମୋତେ ଅନେକ ବାଟ ଅତିକ୍ରମ କରିବାକୁ ଅଛି। କିନ୍ତୁ ଏହା କେମିତି କରିବାକୁ ହେବ ମୁଁ ଜାଣେ।
ତା'ହେଲେ, ପରବର୍ତ୍ତୀ ଯୋଜନା କ'ଣ?
ବିଶ୍ୱ ଯୁବ ଚାମ୍ପିଅନସିପ୍ ଓ ତା'ପରେ ଅଲିମ୍ପିକ୍ସ।
ମାର୍ଟିନାଙ୍କ ଭିତରେ ଥିବା ଅପାର ଆତ୍ମବିଶ୍ୱାସ ତାଙ୍କ ବକ୍ତବ୍ୟରେ ପ୍ରତିଫଳିତ ହୋଇଥାଏ।
ମୁଁ ଜାଣେ, ମୁଁ ସବୁବେଳେ ପୂର୍ବାପେକ୍ଷା ଭଲ କରିବି।
ପ୍ରଧାନମନ୍ତ୍ରୀ ମୋଦୀ ନିଜର ରେଡିଓ କାର୍ଯ୍ୟକ୍ରମରେ ମାର୍ଟିନାଙ୍କ ଉପଲବ୍ଧିକୁ ପ୍ରଶଂସା କରିଥିବାରୁ ଏହା ତାଙ୍କ ସଫଳତାର ପର୍ଯ୍ୟାପ୍ତ ପ୍ରମାଣ ଦେଇଥାଏ।

# ଏନ. କେ. ହେମଲତା




*ସେକେଣ୍ଡାରୀ ସ୍କୁଲ୍ ଲିଭିଂ ସାର୍ଟିଫିକେଟ୍, ଦଶମ ଶ୍ରେଣୀ ପରୀକ୍ଷା ନାଁରେ ମଧ୍ୟ ପରିଚିତ

^ତାମିଲନାଡୁର ଏକ ଜିଲ୍ଲା




*ସଠିକ ଜୀବନ ଓ ସଠିକ୍ ଚିନ୍ତାଧାର ବିଷୟରେ ତାମିଲ୍ ଦୋହାର ସଂଗ୍ରହ

# ମା’ ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ




*ଉତ୍ତର ପ୍ରଦେଶର ଏକ ଜିଲ୍ଲା

^ଗୋଟିଏ କଦଳୀ ଗଛ ଥରେ ଫଳ ଦେଇଥାଏ। ଏହାପରେ, ଗଣ୍ଡିଗୁଡ଼ିକୁ କାଟି ଦିଆଯାଏ ଏବଂ ନୂଆ ଚାରାରୁ ନୂଆ ଗଛ ଉଠିଥାଏ।


ଦିନେ, ଅରବିନ୍ଦ ସିଂ, ଲକ୍ଷ୍ମୀପୁର ଖେରୀର ମୁଖ୍ୟ ଉନ୍ନୟନ ଅଧିକାରୀ ଇସାନଗରର ସମାଇସା ଗାଁକୁ ଯାଇଥିଲେ ଏବଂ ଚାଷୀଙ୍କୁ ଭେଟିଥିଲେ।
ଏସବୁ କଦଳୀ ବାହୁଙ୍ଗାକୁ ନେଇ ଆପଣମାନେ କ'ଣ କରୁଛନ୍ତି?
ଆମେ ସେଗୁଡ଼ିକୁ ଫିଙ୍ଗି ଦେଉଛୁ।
ଆମେ ଏଥିରେ କିଛି କରିବାକୁ ଚାହୁଁଛୁ, କିନ୍ତୁ କ'ଣ କରିବୁ ଜାଣିନାହୁଁ। ଭଲ କଦଳୀ ବାହୁଙ୍ଗା ନଷ୍ଟ ହୋଇଯାଉ ବୋଲି ଆମେ ଚାହୁଁନା।
ହୁଁ... କ'ଣ କରାଯାଇପାରିବ ଚାଲ ଦେଖିବା।
କଥା ହୋଇଥିବା ମହିଳା ଜଣଙ୍କ ଥିଲେ ମା' ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀର ଅଧ୍ୟକ୍ଷା ପୁନମ୍ ଦେବୀ।
ଅରବିନ୍ଦ ଯଥାଶୀଘ୍ର ସମସ୍ୟାର ପ୍ରଭାବୀ ସମାଧାନ ଖୋଜିବା ଆରମ୍ଭ କଲେ। ଦିନେ -
ମୁଁ ପାଇଗଲି। ଏହା ହିଁ ସଠିକ୍ ସମାଧାନ ହେବ!
ପୁନମ୍ ଦେବୀ ଓ ତାଙ୍କ ଗୋଷ୍ଠୀ ସହ ଅରବିନ୍ଦ ଯୋଗାଯୋଗ କଲେ।
କଦଳୀ ବାହୁଙ୍ଗାରୁ ଆମେ ତନ୍ତୁ ବାହାର କରିପାରିବା। କଦଳୀ ତନ୍ତୁ ପୋଷାକ, ବ୍ୟାଗ୍ ଓ ଅନ୍ୟାନ୍ୟ ସାମଗ୍ରୀ ତିଆରିରେ ବ୍ୟବହାର କରାଯାଇପାରିବ। ଆପଣମାନେ ତନ୍ତୁ ବାହାର କରିବାର ଦାୟିତ୍ୱ ନେଇପାରିବେ କି?
ନିଶ୍ଚିତ ସାର୍। ଏହା ଆମକୁ ଏକ ରୋଜଗାର ଦେବ ଏବଂ ବାହୁଙ୍ଗାଗୁଡ଼ିକୁ ଭଲ କାମରେ ଲାଗିପାରିବ।


ଯଥାଶୀଘ୍ର ଅରବିନ୍ଦ ଆବଶ୍ୟକ ସାମଗ୍ରୀ କିଣିଲେ ଏବଂ ସମାଇସାରେ ଏହାକୁ ସ୍ଥାପନ କଲେ।
ଏହାକୁ କିଭଳି ବ୍ୟବହାର କରିବାକୁ ହେବ ଜାଣିବା ଲାଗି ଆପଣଙ୍କୁ ଏକ ଅନଲାଇନ୍ ତାଲିମ୍ ନେବାକୁ ପଡ଼ିବ।
ମୁଁ ନିଶ୍ଚିତ ଭାବେ ତାଲିମ୍ ନେବି, ଆଉ ଅନ୍ୟ ମହିଳାଙ୍କୁ ତାଲିମ ଦେବାରେ ସହାୟତା କରିବି। ଆମେ ତୁରନ୍ତ କାମ ଆରମ୍ଭ କରିଦେବୁ।
କିଛି ସପ୍ତାହ ପରେ -
ଏହା ଅଲଗା ହୋଇଥିବା ଶୁଖିଲା ତନ୍ତୁ।
ଏହା ଚମତ୍କାର। ମୁଁ ଏହାକୁ ଯାଞ୍ଚ ଓ ପରୀକ୍ଷଣ ପାଇଁ ବିଭିନ୍ନ କମ୍ପାନୀକୁ ପଠାଇବି ଏବଂ ଆଶା କରୁଛି କେହି ହୁଏତ' ଏହାକୁ କିଣିବା ଲାଗି ଆଗ୍ରହ ପ୍ରକାଶ କରିବେ।
ଜୁନ୍ 2021ରେ-
ପୁନମ୍ ଦିଦି, ଏହି ଚିଠି ମା' ସରସ୍ୱତୀ ଗୋଷ୍ଠୀ ଠିକଣାରେ ଆସିଛି।
ଆଶା କରୁଛି କିଛି ଭଲ ଖବର ଥିବ!
ନିଶ୍ଚିତ ଭାବେ ଏକ ଭଲ ଖବର-
ଗୁଜରାଟର ଅଲ୍ଟମାଟ୍ ନାମକ କମ୍ପାନୀ 200 କିଲୋଗ୍ରାମ କଦଳୀ ତନ୍ତୁ କିଣିବାକୁ ଚାହୁଁଛି। ସେମାନେ ଆମକୁ 21,000 ଟଙ୍କା ଅଗ୍ରୀମ ଦେବାକୁ ପ୍ରସ୍ତୁତ ଅଛନ୍ତି।
ଏହା ଚମତ୍କାର!
ଆଜି ଏହି ଗୋଷ୍ଠୀର 40 ଜଣ ମହିଳା ସଦସ୍ୟମାନଙ୍କ ମଧ୍ୟରୁ ପ୍ରତ୍ୟେକ ଗୋଟିଏ ଦିନରେ ଚାରିରୁ ଛଅ କିଲୋଗ୍ରାମ ତନ୍ତୁ ବାହାର କରୁଛନ୍ତି।
ଆମେ ଦିନକୁ 400ରୁ 600 ଟଙ୍କା ରୋଜଗାର କରୁଛୁ। ଏହି ପ୍ରୟାସ ଆମକୁ ଏକ ସର୍ବୋତ୍ତମ ଜୀବିକା ସୁଯୋଗ ଦେଇଛି।
ଅଧିକ କମ୍ପାନୀ ତନ୍ତୁ କିଣିବେ ବୋଲି ମହିଳାମାନେ ଆଶାବାଦୀ ରହିଛନ୍ତି। ଏହା କେବଳ ସେମାନଙ୍କର ଆୟ ବୃଦ୍ଧି କରିବ ନାହିଁ, ବରଂ ବିପୁଳ ପରିମାଣରେ କୃଷି ବର୍ଜ୍ୟ ପରିଚାଳନାରେ ସହାୟକ ହେବ।




*ଆମେରିକା କାଲିଫର୍ଣ୍ଣିଆର ଏକ ସହର

^ସାନ୍ ଜୋସ୍‌ରେ ଜୋସ୍ ର ଏରେନା




*ଉତ୍ତରପ୍ରଦେଶ ରାଏବରେଲି ଜିଲ୍ଲାର ଏକ ଗ୍ରାମ

^ଗାଁ ମୁଖିଆ


ପରବର୍ତ୍ତୀ ଗୋଟିଏ ବର୍ଷ ମଧ୍ୟରେ ସେମାନେ ଗାଁରେ ଇଣ୍ଟରନେଟ୍ ସେବା, ରାସ୍ତାକଡ଼ ଆଲୋକ, ଶୌଚାଳୟ, ଉନ୍ନତ ବିଦ୍ୟୁତ ଯୋଗାଣ ଏବଂ ସ୍ୱାସ୍ଥ୍ୟସେବା ସୁବିଧା ପାଇଲେ।
ଇଣ୍ଟରନେଟ୍ ବ୍ୟବହାର କରିବାକୁ ଚାହୁଁଥିବା ସମସ୍ତଙ୍କ ପାଇଁ ଏହା ଏକ ନୂଆ ୱାଇଫାଇ ଜୋନ୍
ଆମ ଗାଁ ସମ୍ପୂର୍ଣ୍ଣ ଭାବେ ବଦଳି ଯାଇଛି। ଆପଣଙ୍କ କାମ ପାଇଁ ମୁଁ ଆପଣଙ୍କୁ ଯେତେ କୃତଜ୍ଞତା ପ୍ରକାଶ କଲେ ବି କମ୍ ହେବ।
ତେବେ ଏହି ଦୁଇ ଜଣଙ୍କ କାମ ଏତିକିରେ ଶେଷ ହେଲା ନାହିଁ। ସେମାନେ ତୁରନ୍ତ ଗାଁର ଚାଷୀମାନଙ୍କୁ ନେଇ ଏକ ବୈଠକ କଲେ।
ଆମ ଆପ୍ ରେ, ଗୋଟିଏ ଗ୍ରାମ ମାର୍ଟ ବୈଶିଷ୍ଟ୍ୟ ରହିଛି। ଆପଣ ଏଥିରେ ବିକ୍ରି କରିବାକୁ ଚାହୁଁଥିବା ଉତ୍ପାଦ ସମ୍ପର୍କରେ ସୂଚନା ଦେଇପାରିବେ। ନିକଟସ୍ଥ ଗାଁ ଲୋକମାନେ ତାହାକୁ ଦେଖି କିଣିବାକୁ ଅର୍ଡର ଦେଇପାରିବେ।
ଏହାର ଅର୍ଥ ହେଉଛି କେହି ଦଲାଲ୍ ରହିବେ ନାହିଁ।
ଏଥିରୁ ଭଲ ଆୟ ହେବ ବୋଲି ଆଶା ରହିଛି!
ଗାଁ ମହିଳାଙ୍କ ରୋଜଗାର ବଢ଼ାଇବା ପାଇଁ ରଜନୀଶ ଓ ଯୋଗେଶଙ୍କ ମନକୁ ଏକ ଉପାୟ ଆସିଲା।
ବିଜନେସ ଅପର୍ଚୁନିଟୀ ବା ବ୍ୟବସାୟ ସୁଯୋଗ ନାମରେ ଏକ ସୁବିଧା ଏହି ଆପ୍ ରେ ରହିଛି। ଆପଣ ଚାହିଁଲେ ଏହି ଆପ୍ ଜରିଆରେ ନିଜର କୌଣସି ଉତ୍ପାଦ ବିକ୍ରି କରିପାରିବେ।
ଆପଣ ଆମ ତାଲିମରେ ଯୋଗ ଦେବା ପରେ ଆମେ ଆପଣଙ୍କୁ ଅନ୍ୟ ଲୋକଙ୍କ ସହ ଯୋଡ଼ିବୁ ଏବଂ ଆପଣଙ୍କ ନିର୍ମିତ ସାମଗ୍ରୀ ବିକ୍ରି କରିବା ଓ ରୋଜଗାର ବଢ଼ାଇବାରେ ସହାୟତା କରିବୁ।
ପରବର୍ତ୍ତୀ କିଛି ବର୍ଷ ପର୍ଯ୍ୟନ୍ତ ରଜନୀଶ ଓ ଯୋଗେଶ ତୌଧକପୁରରେ ସେମାନଙ୍କ ସଫଳତାକୁ ଅନ୍ୟ 14ଟି ଗାଁରେ କାର୍ଯ୍ୟକାରୀ କଲେ।
ନିଶ୍ଚିତ ରୁହନ୍ତୁ। ଯଥାଶୀଘ୍ର ଆପଣଙ୍କ ଗାଁକୁ ସ୍ୱଚ୍ଛ ପାନୀୟ ଜଳ ମିଳିବ।
ଆମକୁ କେବଳ ଆପଣମାନଙ୍କ ସହଯୋଗ ଦରକାର।
ଆଜି, ରଜନୀଶ ଓ ଯୋଗେଶ 20ରୁ ଅଧିକ ଗାଁରେ କାମ କରୁଛନ୍ତି ଏବଂ ସେମାନଙ୍କ ସହିତ ପ୍ରାୟ 20ଟି ଷ୍ଟାର୍ଟଅପ୍ ସହଭାଗିତା ସ୍ଥାପନ କରିଛନ୍ତି।
ସମୟ ବିତିବା ସହିତ ଆମେ ଦେଶର ପ୍ରତ୍ୟେକ ଗାଁରେ ପହଞ୍ଚିବୁ ଏବଂ ସେଗୁଡ଼ିକୁ ସ୍ମାର୍ଟ ଗ୍ରାମରେ ପରିଣତ କରିବୁ।
ସ୍ମାର୍ଟ ଗାଁଓ ପ୍ରୟାସ ଲୋକପ୍ରିୟତା ହାସଲ କଲା ଏବଂ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ମନ୍ କୀ ବାତ୍‌ରେ ଏହା ବିଷୟରେ ଉଲ୍ଲେଖ କଲେ।

# ସୋନାଲୀ ହେଲ୍ଭି




*ତୁରନ୍ତ ଜଟିଳ ହିସାବ କରିବା ଲାଗି ବ୍ୟବହୃତ ଉପକରଣ




* ଗୋଡ଼ାଳୀ ଓ ରକ୍ଷଣଭାଗ ଖେଳାଳୀଙ୍କ ଏକ ପଂକ୍ତି ଦ୍ୱାରା ଖେଳାଯାଉଥିବା ପାରମ୍ପରିକ ଭାରତୀୟ ଖେଳ

^ମରାଠିରେ ମା'

**ଆକ୍ରମଣ ଓ ରକ୍ଷଣ କରୁଥିବା ଦୁଇଟି ଦଳକୁ ନେଇ ଖେଳାଯାଉଥିବା ପାରମ୍ପରିକ ଭାରତୀୟ ଖେଳ


ବଡ଼ ବିଜୟ ପରେ, ପରିବାର ଲୋକଙ୍କୁ କହିବାର ବେଳ ଆସିଛି ବୋଲି ସୋନାଲୀ ହୃଦୟଙ୍ଗମ କଲେ।
ଦେଖ, ଆଇ! ଜାତୀୟ କନିଷ୍ଠ କବାଡ଼ି ପ୍ରତିଯୋଗିତାରେ ମୁଁ ସ୍ୱର୍ଣ୍ଣ ପଦକ ଜିତିଛି।
ତୁମେ କବାଡ଼ି ଖେଳୁଥିଲ?
ଜାତୀୟ କନିଷ୍ଠ ପ୍ରତିଯୋଗିତା?
ମୁଁ ଜାଣେ ତୁମେ ଉଭୟ ଚାହୁଁଛ ଯେ ମୁଁ ପାଠପଢ଼ି ଭଲ ଚାକିରିଟିଏ କରେ, କିନ୍ତୁ ତାହା ମୋର ମାର୍ଗ ନୁହେଁ। ମୁଁ କବାଡ଼ି ଖେଳିବାକୁ ଚାହୁଁଛି।
ତୁମେ ମନ ସ୍ଥିର କରିସାରିଛ। ଆମେ ଆଉ ତୁମର ଆଗ୍ରହରେ କୌଣସି ବାଧା ସୃଷ୍ଟି କରିବୁ ନାହିଁ।
ମୁଁ ଦୃଢ଼ ମନୋବଳ ଥିବା ଭଉଣୀଟିଏ ପାଇଛି! କିନ୍ତୁ ତୁମେ ଆଜି ଆମ ସମସ୍ତଙ୍କୁ ଗର୍ବିତ କରିଛ!
ତା' ପରଠାରୁ ପଛକୁ ଫେରିବାର ସୁଯୋଗ ନଥିଲା।
ଆଗକୁ ବଢ଼ ସୋନାଲୀ, ତୁମେ ଦିନେ ଶୀର୍ଷ ସଫଳତା ହାସଲ କରିବ।
ସୋନାଲୀ ସଚ୍ଚୋଟତାର ସହିତ ପ୍ରଶିକ୍ଷଣ ଆରମ୍ଭ କଲେ ଏବଂ 2008ରେ ମହାରାଷ୍ଟ୍ର ଦଳର ଅଧିନାୟିକା ହେଲେ।
ଆଜି, ସୋନାଲୀ ତାଙ୍କ ଆକ୍ରାମକ କ୍ରୀଡ଼ା ଶୈଳୀ ଏବଂ ଜଣେ ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ପରିଚିତ ହୋଇପାରିଛନ୍ତି। ସେ ତାଙ୍କ ଆଗ୍ରହକୁ ଅନୁସରଣ କରୁଛନ୍ତି ଏବଂ ଶିକ୍ଷା ଓ କାମ ଭିତରେ ସନ୍ତୁଳନ ମଧ୍ୟ ରଖିଛନ୍ତି।
ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ରେଡିଓ ଶୋ' ମନ୍ କୀ ବାତ୍‌ରେ ତାଙ୍କର ଉତ୍ସାହ ଏବଂ ଦୃଢ଼ସଂକଳ୍ପକୁ ପ୍ରଶଂସା କରିଥିଲେ।
ପରିବାର ଓ ସମାଜ ଠାରୁ ପ୍ରାରମ୍ଭିକ ପ୍ରତିରୋଧ ସତ୍ତ୍ୱେ, ଇଚ୍ଛା ଥିଲେ ନିଶ୍ଚିତ ଏକ ଉପାୟ ଆସେ ବୋଲି ସୋନାଲୀ ପ୍ରମାଣିତ କରିପାରିଛନ୍ତି।
ଏବେ, ସୋନାଲୀ ବଡ଼ ଲକ୍ଷ୍ୟ ନିର୍ଦ୍ଧାରଣ କରିଛନ୍ତି, ସେ ଭାରତୀୟ ଜାତୀୟ ଦଳରେ ଖେଳିବାକୁ ଇଚ୍ଛା ରଖିଛନ୍ତି।




*ସ୍ଥାନୀୟ ଅଞ୍ଚଳର ଏକ ଜନଜାତି, ଯେଉଁମାନେ ବାଂଲାଦେଶ ଓ ନେପାଳରେ ମଧ୍ୟ ରୁହନ୍ତି

^ସାନ୍ତାଳି ଭାଷା ଲିପିର ନାମ


ଶ୍ରୀପତି ପୂର୍ବରୁ ଭାରତୀୟ ସମ୍ବିଧାନ ବିଷୟରେ ଶୁଣିଥିଲେ, କିନ୍ତୁ ଏବେ ଶେଷରେ ସେ ଏହାକୁ ଇଂରାଜୀ ଭାଷାରେ ପଢ଼ିବାର ସୁଯୋଗ ପାଇଲେ।
ଐତିହାସିକ ଭାବେ ଏକ ଅବହେଳିତ ସମୁଦାୟ ହୋଇଥିବାରୁ ଆମେ ସାନ୍ତାଳମାନେ ନିଜ ଅଧିକାର ବିଷୟରେ ଜାଣିବା ଉଚିତ୍। ସମ୍ବିଧାନରେ ଅନୁସୂଚିତ ଜନଜାତି ଲୋକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି! ଆମ ଭିତରୁ ଅଧିକାଂଶ ଏହାକୁ ପଢ଼ି ନପାରିବା ଲଜ୍ଜାଜନକ।
2003ରେ, ସାନ୍ତାଳିକୁ ଏକ ସରକାରୀ ଭାଷା ଭାବେ ମାନ୍ୟତା ମିଳିଲା। ସରକାରୀ ବିଦ୍ୟାଳୟରେ ଏହାକୁ ପଢ଼ାଇବା ଆରମ୍ଭ କରାଯିବା ସହିତ, ଧୀରେ ଧୀରେ ସାନ୍ତାଳି ଭାଷାର ପାଠ୍ୟପୁସ୍ତକ ପାଇଁ ଚାହିଦା ଦେଖାଦେଲା।
ସାନ୍ତାଳି ଭାଷାରେ ପାଠ୍ୟପୁସ୍ତକଗୁଡ଼ିକୁ ଅନୁବାଦ କରିବା ଲାଗି ବଛା ଯାଇଥିବା ଶିକ୍ଷାବିତ୍ମାନଙ୍କ ମଧ୍ୟରେ ଶ୍ରୀପତି ଥିଲେ ଅନ୍ୟତମ।
ଅନେକ ବର୍ଷ ଧରି ସାନ୍ତାଳି ପଢ଼ାଇବା ପରେ ଏବଂ ଅନୁବାଦରେ ସିଦ୍ଧହସ୍ତ ହେବା ପରେ, 2019ରେ ସେ ଏପରି ଏକ ପ୍ରକଳ୍ପ ଉପରେ କାମ ଆରମ୍ଭ କରିବାକୁ ଚିନ୍ତା କଲେ ଯାହା ବିଷୟରେ ସେ ଅନେକ ଦିନରୁ ଯୋଜନା କରି ଆସୁଥିଲେ।
ମୋ ଲୋକମାନେ ଯେମିତି ସମ୍ବିଧାନ ବିଷୟରେ ଜାଣିପାରିବେ ସେଥିପାଇଁ ମୁଁ ଚେଷ୍ଟା କରିବା ଉଚିତ୍। ମୁଁ ଏହାକୁ ସାନ୍ତାଳି ଭାଷାରେ ଅନୁବାଦ କରିବି।
THE CONSTITUTION OF INDIA
ଯଥାଶୀଘ୍ର, କୋଭିଡ-19 ଲକଡାଉନ୍ ତାଙ୍କୁ ଏହି କାମ ଆରମ୍ଭ କରିବାର ସୁଯୋଗ ଆଣିଦେଲା। ସେ ସମ୍ବିଧାନର ଇଂରାଜୀ, ହିନ୍ଦୀ ଏବଂ ବଙ୍ଗଳା ସଂସ୍କରଣ ଅଧ୍ୟୟନ କଲେ।
ଏତେ ଜଟିଳ ଶବ୍ଦ ସବୁ ରହିଛି। ଏହା ଆଦି ଜଟିଲ୍ କାମି*।
ଅନେକ ଆହ୍ୱାନ ଆଗକୁ ଆସିଲା।
କିନ୍ତୁ ଦୃଢ଼ ସଂକଳ୍ପ ସହିତ...
'ଦ୍ୱୈତ ନାଗରିକତା' ଏବଂ 'ଗଣତାନ୍ତ୍ରିକ ସାଧାରଣତନ୍ତ୍ର' ଭଳି ଶବ୍ଦର ସମକକ୍ଷ କୌଣସି ଶବ୍ଦ ସାନ୍ତାଳି ଭାଷାରେ ନାହିଁ। ଏହା ପରିବର୍ତ୍ତେ ମୁଁ ଏଗୁଡ଼ିକୁ ଛୋଟ ଛୋଟ ବାକ୍ୟାଂଶ ଆକାରରେ ବୁଝାଇବି।

*ଅତି ଜଟିଳ କାମ




*"ଆମେ ଭାରତବାସୀ, ଦୃଢ଼ ସଂକଳ୍ପବଦ୍ଧ ହୋଇ....." ଏହା ମୁଖବନ୍ଧର ପ୍ରଥମ ବାକ୍ୟ।

# ଯୁବା ବ୍ରିଗେଡ୍




*ଯୁବ ଗୋଷ୍ଠୀ


ସମସ୍ତେ ଚାକିରି କରିଥିବାରୁ, ଯୁବା ବ୍ରିଗେଡ୍ ର ସଦସ୍ୟମାନେ ସାପ୍ତାହିକ ଛୁଟି ଦିନରେ ମନ୍ଦିରରେ କାମ କରୁଥିଲେ।
ଓଃ, ଏହି ସୁଡ଼ଙ୍ଗ କାଦୁଅରେ ଭର୍ତ୍ତି।
ଦେଖ! ସାପ ସାପ!
ବିନା ଭୟରେ ସେମାନେ ନିଜ ସଫେଇ ଜାରି ରଖିଲେ।
ଧୀରେ ଧୀରେ ମନ୍ଦିରର ସୌନ୍ଦର୍ଯ୍ୟ ସାମ୍ନାକୁ ଆସିଲା।
ଏସବୁ ଖୋଦେଇ କାରୁକାର୍ଯ୍ୟ ଅତି ସୂକ୍ଷ୍ମ।
ମୁଁ ଏହାକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରିବାକୁ ଚାହୁଁଛି... ହୁଏତ' ଅନ୍ୟମାନେ ଆମର ସହଯୋଗ କରିବେ।
ଯଥାଶୀଘ୍ର-
ମୁଁ ତୁମର ପୋଷ୍ଟ ଦେଖିଲି। ମୋର ସିମେଣ୍ଟ ବ୍ୟବସାୟ ରହିଛି। ମୁଁ ପୁନରୁଦ୍ଧାର ପାଇଁ ସାମଗ୍ରୀ ସହାୟତା ଦେଇପାରିବି।
ମୁଁ ରଙ୍ଗ ଯୋଗାଇ ଦେବି।
ବହୁ ପୂର୍ବରୁ ମୂଳ ମୂର୍ତ୍ତିଗୁଡ଼ିକୁ ଚୋରେଇ ନିଆଯାଇଥିଲା। ଯୁବା ବ୍ରିଗେଡ୍ ନୂଆ ମୂର୍ତ୍ତି ସ୍ଥାପନ କଲା, ଭାଙ୍ଗିଯାଇଥିବା କାନ୍ଥ ମରାମତି କଲା ଏବଂ କିଛି ମାସର କଠିନ ପରିଶ୍ରମ ପରେ, ବୀରଭଦ୍ରସ୍ୱାମୀ ମନ୍ଦିର ପୁଣିଥରେ ସ୍ୱଚ୍ଛ ଓ ସୁନ୍ଦର ରୂପ ନେଲା।
ସେହି ବର୍ଷର ଶେଷ ଭାଗରେ, ପ୍ରଧାନମନ୍ତ୍ରୀ ତାଙ୍କର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଏହି ଯୁବ ଗୋଷ୍ଠୀର କାମକୁ ପ୍ରଶଂସା କରିଥିଲେ।
ମୁଁ ଭାରତର ଯୁବବର୍ଗଙ୍କୁ ଦେଖିଲେ, ମୋ ଭିତରେ ଉତ୍ସାହ ଓ ଆଶ୍ୱସ୍ତିର ଭାବ ପ୍ରକାଶ ପାଇଥାଏ କାରଣ ସେମାନଙ୍କ ପାଖରେ 'କରି ପାରିବା' ମନୋବୃତ୍ତି ଏବଂ "ନିଶ୍ଚିତ କରିବୁ" ବୋଲି ଭାବନା ରହିଛି। ସେମାନଙ୍କ ପାଇଁ କୌଣସି ଆହ୍ୱାନ ବଡ଼ ନୁହେଁ। ସେମାନଙ୍କ ପାଖରେ କିଛି ବି ଅପହଞ୍ଚ ନୁହେଁ।



मन की बात 100

MANN KI BAAT 100

# ମନ୍ କୀ ବାତ୍

## ଅଧ୍ୟାୟ 11

ମନ୍ କୀ ବାତ୍ ର ଏକାଦଶ ଅଧ୍ୟାୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରେଡିଓ କାର୍ଯ୍ୟକ୍ରମ ଉପରେ ଆଧାରିତ, ଯାହାକି 'ଇଚ୍ଛା ଥିଲେ ଉପାୟ ଆସେ'ର ସତ୍ୟତାକୁ ପ୍ରତିପାଦିତ କରିଥାଏ।

ଦୈତାରୀ ନାଏକ ଏପରି ଏକ ଗାଁରେ ରହୁଥିଲେ ଯେଉଁଠି ଶୁଷ୍କ ଜମି ଥିଲା, ଫସଲ ମରିଯାଉଥିଲା ଏବଂ ପାହାଡ଼ ପଛରେ ଜଳ ପ୍ରବାହର ଶବ୍ଦ ଶୁଭୁଥିଲା କିନ୍ତୁ ଏହାକୁ କେବେ କେହି ଦେଖିନଥିଲେ। ଦିନେ ସକାଳେ ଶୁଭ ବେଳାରେ ସେ ଗୋଟିଏ ଶାବଳ, ଗୋଟିଏ କୋଦାଳ ଧରି ଇତିହାସ ରଚିବାର ଇଚ୍ଛା ନେଇ ବାହାରି ପଡ଼ିଲେ। କିଛି ବର୍ଷ ଧରି କଠିନ ପରିଶ୍ରମ କରିବା ପରେ ଜୀବନଦାୟୀ ଜଳଧାରାକୁ ପ୍ରବାହିତ କରୁଥିବା ଏକ ନାଳ ଖୋଳିବା ଏହି ଦୃଢ଼ ଇଚ୍ଛାଶକ୍ତିର ପ୍ରମାଣ ରୂପରେ ଦଣ୍ଡାୟମାନ ରହିଛି।

ଦାରିଦ୍ର୍ୟର ବୋଝ ତଳେ ବଡ଼ ସ୍ୱପ୍ନ ନେଇ ଜନ୍ମ ନେଇଥିଲେ ସୋନାଲୀ ହେଲ୍ଭୀ। ରିପୋର୍ଟ କାର୍ଡ ଓ ପ୍ରବେଶିକା ପରୀକ୍ଷାକୁ ସଫଳତାର ଏକମାତ୍ର ମାର୍ଗ ବୋଲି ମନେ କରୁଥିବା ସୋନାଲୀଙ୍କ ପରିବାର କବାଡ଼ି ପ୍ରତି ତାଙ୍କର ଆଗ୍ରହକୁ ନିରୁତ୍ସାହିତ କରୁଥିଲା। କିନ୍ତୁ ସୋନାଲୀ ଥିଲେ ଦୃଢ଼ମନା। ଗତ କିଛି ବର୍ଷ ଧରି ସେ ଅନେକ ମ୍ୟାଚ୍‌ରେ ଖେଳି ପଦକ ଜିତିଛନ୍ତି, ତାଙ୍କ ଭବିଷ୍ୟତକୁ ନେଇ ସନ୍ଦେହ କରୁଥିବା ଲୋକମାନେ ଏବେ ତାଙ୍କ ପ୍ରଶଂସକ ପାଲଟିଛନ୍ତି।

ଶ୍ରୀପତି ଟୁଡୁ ନିଜ ମାତୃଭାଷା ସାନ୍ତାଳିର ସେବାରେ ନିଜ ଜୀବନକୁ ସମର୍ପି ଦେଇଛନ୍ତି। ଏହି ଜନଜାତୀୟ ଭାଷାରେ ଭାରତୀୟ ସମ୍ବିଧାନ ଉପଲବ୍ଧ ନାହିଁ ବୋଲି ଜାଣିବା ପରେ ଏହି କାର୍ଯ୍ୟ କରିବା ଲାଗି ତାଙ୍କ ମନରେ ଇଚ୍ଛା ଜାଗ୍ରତ ହେଲା। ଏହି ଆଗ୍ରହ ଯୋଗୁ ସେ ଅନେକ ମାସ ଧରି କଠିନ ଅନୁବାଦ କାର୍ଯ୍ୟ କଲେ ଏବଂ ସାନ୍ତାଳି ଲୋକମାନଙ୍କ ନିକଟରେ ସେମାନଙ୍କ ଅଧିକାରର ଜ୍ଞାନ ପହଞ୍ଚାଇଲେ।

11ଟି ପ୍ରେରଣାଦାୟୀ କାହାଣୀକୁ ନେଇ ଏହି ସଂକଳନରେ ପ୍ରୟାସ କରିବାର ଆଗ୍ରହ ଏବଂ ସଫଳତା ହାସଲ କରିବାର ମାର୍ଗ ବିଷୟରେ ବର୍ଣ୍ଣନା ରହିଛି।



₹99

www.amarchitrakatha.com
ISBN 978-93-6127-172-4
9 789361 271724